# ବଂଶଧାରା ଉପର ମୁଣ୍ଡରେ ଆନିକଟ ଦାବି

**ଗୁଣପୁର, ୨।୫(ସୁଜାତା ପାଢ଼ୀ)**

ରାୟଗଡ଼ା ଗ୍ରସ୍ତରେ ଆସିଥିବା କେନ୍ଦ୍ର ଗ୍ରାମୀଣ ଉନ୍ନୟନ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଶୁକ୍ରବାର ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ଦାବିପତ୍ର ଦିଆଯାଇଛି। ବଂଶଧାରା ଉପର ମୁଣ୍ଡରେ ଆନିକଟ ନିର୍ମାଣ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପାଇବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ସରକାର ଅବଗତ ଅଛନ୍ତି।


ପଞ୍ଚାୟତିରାଜ ମନ୍ତ୍ରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

**ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକ ପତ୍ର**

ଏହାକୁ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ। ପ୍ରଧାନମନ୍ତ୍ରୀଙ୍କୁ ଦାବି ସମ୍ପର୍କରେ ଅବଗତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନବେଳେ ବଂଶଧାରା ଅବବାହିକା ସୁରକ୍ଷା ସମିତି କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାଶ, ସମିତି ସଦସ୍ୟ ତଥା ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ୱାଇ. ଗଣପତି, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର, ଏମପି ପ୍ରାର୍ଥୀ କାଳୀରାମ ମାଝୀ ଓ ଯୁବ ନେତା ଅମର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣପୁରର ମନୋସ୍ମିନୀ ରାୟଗଡ଼ା ଜିଲା ଟପ୍ପର


ରାଜେଶ୍ୱରୀ ବେହେରା


ସିଦ୍ଧେଶ୍ୱର ଶବର


ସାଇ ଆଶୀର୍ବାଦ ରଥ

**ଗୁଣୁପୁର, ୨।୫ (ସୁଜାତା ପାଢ଼ୀ/ସଂକେତ ପାତ୍ର)**

ଓଡ଼ିଶା ବୋର୍ଡର ଦଶମ ଶ୍ରେଣୀ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଗୁଣୁପୁରର ଛାତ୍ରୀ ମନୋସ୍ମିନୀ ଦାସ ରାୟଗଡ଼ା ଜିଲା ଟପ୍ପର ହୋଇଛନ୍ତି। ଜିଲାରେ ଏ-୧ ଶ୍ରେଣୀରେ ମୋଟ ୬ ଜଣ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କ ମଧ୍ୟରେ ଗୁଣପୁର ଶିଶୁ ବିଦ୍ୟାମନ୍ଦିରର ୪ ଜଣ ଛାତ୍ରୀ ୟଛାତ୍ର ଅଛନ୍ତି। ସେମାନଙ୍କ ମଧ୍ୟରୁ ମନୋସ୍ମିନୀ ୫୫୪ ମାର୍କ (୯୩.୩୩%) ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ସଫଳ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସିଦ୍ଧେଶ୍ୱର ଶବର, ଆଶୀର୍ବାଦ ରଥ ଓ ରାଜେଶ୍ୱରୀ ବେହେରା ପ୍ରତ୍ୟେକେ ୫୪୦ ମାର୍କ (୯୦%) ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୨ରେ ୩, ବି-୧ରେ୫, ବ-୨ ୮, ସିରେ ୮ ଏବଂ ଡିରେ ୫ ଜଣ ପାସ୍ କରିଥିବା ଜଣାପଡ଼ିଛି। ଗୁଣପୁର ବାଣିଶ୍ରୀ ବିହାରସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଏହିବର୍ଷ ଶତ ପ୍ରତିଶତ ପାସ୍‌ହାର ରହିଛି। ସର୍ବୋଚ୍ଚ ମାର୍କ ରଖିଥିବା ଏହି ତିନି ଛାତ୍ରୀଛାତ୍ରଙ୍କୁ ଅଭିଭାବକ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସହପାଠୀଙ୍କ ସହ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି। ଗୁଣୁପୁରର ବୃନ୍ଦାବତୀ ନଗର, ଲେନ୍-୨ରେ ରହୁଥିବା ଶିକ୍ଷକ ପ୍ରଦୀପ କୁମାର ଦାସ ଓ ରଶ୍ମିତା ମିଶ୍ରଙ୍କ ମନୋସ୍ମିନୀ ଜିଲା ଟପ୍ପର ହେବାପରେ କହିଛନ୍ତି ଯେ, ପରିବାରର ସହଯୋଗ ଓ ବିଦ୍ୟାଳୟର ନିଷ୍ଠାପୂର୍ଣ୍ଣ ଶିକ୍ଷାଦାନ ତାଙ୍କୁ ଏହି ସଫଳତା ଆଣିଦେଇଛି। ଅନୁଷ୍ଠାନର ପରିଚାଳନା ସମିତି ସଭାପତି, ବି ଗଜପତି, ସମ୍ପାଦକ ସୋମନାଥ ଗୌଡ଼, ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଗାଡ଼ି ବ୍ରେକ୍ ଫେଲ୍ ହୋଇ ଦୋକାନ ଭିତରରେ ପଶିଗଲା ଗାଡ଼ି

**ମୁନିଗୁଡା, ୨।୫ (ନନ୍ଦ କିଶୋର ପଟ୍ଟନାୟକ)**

**ଅଳ୍ପକେ ବର୍ତ୍ତିଲେ ପରିବା ବ୍ୟବସାୟୀ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ**

ମୁନିଗୁଡାର ଶହୀଦ ଲକ୍ଷ୍ମଣ ନାୟକ ଛକ ତଥା ନୂତନ ବସଷ୍ଟାଣ୍ଡ ସମ୍ମୁଖରେ ଶୁକ୍ରବାର ଏକ ହାଇଡ୍ରା ଗାଡି ବ୍ରେକ ଫେଲ ହୋଇଥିଲା। ଗାଡ଼ିଟି ଧକ୍କା ହୋଇ ଆଖପାଖରେ ଥିବା ତିନୋଟି ବାଇକ ସହ ଲକ୍ଷାଧିକ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି। ପାଖରେ ଥିବା ଜଣେ ପରିବା ବ୍ୟବସାୟୀ ଅଳ୍ପକେ ବର୍ତ୍ତି ଯାଇଥିବା ସୁଚନା ମିଳିଛି।

ହାଇଡ୍ରା ଗାଡି ଶହୀଦ ଲକ୍ଷ୍ମଣ ନାୟକ ଛକରେ ଥିବା ଉଠାଣି ରାସ୍ତାରେ ଯାଉଥିବାବେଳେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ହଠାତ ତାହାର ବ୍ରେକ ଫେଲ ହୋଇଯାଇଥିଲା। ଫଳରେ ଗାଡିଟି ପଛକୁ ଗଡ଼ିଥିଲା। ଗାଡିଟି ସେଠାରେ ପରିବା ବିକ୍ରି କରୁଥିବା ଏକ ଦୋକାନ ଉପରେ ଚଢ଼ି ଯିବା ସହ ଏକ ପୂଜା ଭଣ୍ଡାର ଦୋକାନ ଭିତରେ ପଶି ଯାଇଥିଲା। ଏଥିସହ ଦୋକାନ ସମ୍ମୁଖରେ ଥିବା ୩ଟି ବାଇକ ନଷ୍ଟ ହୋଇଯାଇଛି। ପୂଜା ଭଣ୍ଡାରକୁ ଲାଗିଥିବା ଏକ ଇଲେକ୍ଟ୍ରୋନିକ ଦୋକାନର ଗୋଟିଏ କୁଲର ସହ କିଛି ସାମଗ୍ରୀ ନଷ୍ଟ ହେବା ସହ ଦୋକାନର କାଞ୍ଚ ଓ ସଟର ଭାଙ୍ଗି ଯାଇଛି। ଏହି ଦୁର୍ଘଟଣାରେ କାହାର କିଛି ହୋଇ ନଥିବା ବେଳେ ସେଠାରେ ଥିବା ପରିବା ଦୋକାନୀ ଓ ଜନସାଧାରଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣା ସ୍ଥଳରେ ପୋଲିସ ଅଧିକାରୀ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ହଟାଇବା ସହ ଥାନାକୁ ନେଇ ଅଧିକ ତଦନ୍ତ ଜାରି ରଖିଛି। ଏହି ହାଇଡ୍ରା ଗାଡି ଝାରସୁଗୁଡାରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଯାଉଥିବାବେଳେ ଦୁର୍ଘଟଣା ଘଟିଛି। ଅନ୍ୟପଟେ ଦୁର୍ଘଟଣାରେ ନଷ୍ଟ ହୋଇଥିବା ସମସ୍ତ ସାମଗ୍ରୀ କ୍ଷତିପୂରଣ ବାଇକ୍ ବ୍ୟକ୍ଷଣ ମରାମତି ନିମନ୍ତେ ଗାଡ଼ି ମାଲିକଙ୍କୁ ଦାବି କରାଯାଇଛି।



ଦୁର୍ଘଟଣା ଘଟାଇଥିବା ଗାଡ଼ି।

# ସରିଲା ମା ଠାକୁରାଣୀଙ୍କ ଘଣ୍ଟଯାତ୍ରା


ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

**ଚନ୍ଦ୍ରପୁର, ୨।୫(ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାନଗୋଷୋରଡ଼ାରେ ଚାଲିଥିବା ମା ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ଶୁକ୍ରବାର ଉଦଯାପିତ ହୋଇଛି। ୭ଦିନ ଧରି ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ମା ଙ୍କ ରିତିନୀତି ଅନୁଯାୟୀ ପୂଜାପାଠ କରାଯାଇଥିଲା। ଏହାପରେ ସ୍ଥାନୀୟ ଠାକୁରାଣୀ ମନ୍ଦିରକୁ ଅଣାଯାଇ ପୂଜା କରାଯାଇ ମା ଙ୍କୁ ବିଦାୟାଳୀନ ପୂଜା କରାଯାଇଥିଲା। ଏଥିରେ ମୂଖ୍ୟ ପୂଜକ ଗଙ୍ଗାଧର ପାତ୍ର ପୂଜାକାର୍ଯ୍ୟ ତୁଲାଇଥିଲେ। ସହଯୋଗୀ ପୂଜକଙ୍କ ସମେତ ଗ୍ରାମର ଏବଂ ଆଖପାଖ ଅଞ୍ଚଳରୁ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଶ୍ରଦ୍ଧାଳୁମାନେ ମା' ଙ୍କ ଘଣ୍ଟି ବୋହି ବାଦ୍ୟର ତାଳେ ତାଳେ ନୃତ୍ୟ କରି ଯାଇଥିଲେ। ଗ୍ରାମର ମୂଖ୍ୟ ପୂଜା ସ୍ଥାନରୁ ଶିଶୁଠୁ ଆର ମ୍ଭ କରୀ ଯୁବତୀ, ଯୁବକ, ବୃଦ୍ଧାବୃଦ୍ଧ ମା'ଙ୍କ ଆଶୀର୍ବାଦ ପାଇଁ ଭୂଇଁରେ ଶୋଇଥିଲେ। ପୂଜକମାନେ ସେମାନଙ୍କ ଉପରେ ଚାଲି ଯାଇଥିଲେ। ଏପରି ମା' ଙ୍କ ଆଶୀର୍ବାଦ ମିଳିଲେ ମନୋସ୍କାମନା ପୂର୍ଣ୍ଣ ହେଉଥିବା ବିଶ୍ୱାସ ରହିଛି।

# ଗିରଫ ସିଜିମାଳି ଜନଜାତିଙ୍କୁ ମୁକୁଳାଇବାକୁ ହାଇକୋର୍ଟରେ ପିଟିଶନ

**କଟକ, ୨।୫(କାର୍ତ୍ତିକ ସାହୁ)**

ରାୟଗଡ଼ା ଓ କୋରାପୁଟ ଜିଲାର ସିଜିମାଳି ଖଣି ଅଞ୍ଚଳରେ ଜନଜାତିଙ୍କ ଉପରେ ପୋଲିସ ଅମାନୁଷିକ ଭାବେ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ କରି ସେମାନଙ୍କୁ ଗିରଫ କରିଛି। ଜଙ୍ଗଲକୁ ନେଇ ଜିଉଥିବା ଜନଜାତିଙ୍କ ଜୀବିକାକୁ ସେମାନେ ପ୍ରତିରୋଧ କରିଛନ୍ତି ବୋଲି ଅଭିଯୋଗ କରି ପୋଲିସ ଦ୍ୱାରା ଗିରଫ ହୋଇଥିବା ସିଜିମାଳି ଜନଜାତିଙ୍କୁ ଜେଲ୍‌ରୁ ମୁକୁଳାଇବା ପାଇଁ ହାଇକୋର୍ଟରେ ଏକାଧିକ ଜନସ୍ୱାର୍ଥ ପିଟିଶନ ଦାଏର ହୋଇଛି। ହାଇକୋର୍ଟ ଉକ୍ତ ପିଟିଶନ୍‌କୁ ବିଚାର ପାଇଁ ଗ୍ରହଣ କରିବାକୁ ଆବେଦନକାରୀଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଛି। ୨୦୨୬ ଏପ୍ରିଲ ୬ରେ ପୋଲିସ ଅମାନୁଷିକ ଭାବେ ଜନଜାତିଙ୍କୁ ଆକ୍ରମଣ କରିବା ଘଟଣାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଦ୍ୱାରା ତଦନ୍ତ କରିବା, ୨୦୨୩ରେ ଘଟିଥିବା ଘଟଣାର ତଦନ୍ତ କରିବା, ପୀଡ଼ିତମାନଙ୍କୁ କ୍ଷତିପୂରଣ ପ୍ରଦାନ ସହ କର୍ତ୍ତୃପକ୍ଷଙ୍କୁ ପୋଲିସର କାର୍ଯ୍ୟାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପିଟିଶନରେ ଦର୍ଶାଯାଇଛି। ପୁରୁଷୋତ୍ତମ ହିକକା ଓ ଅନ୍ୟମାନଙ୍କ ପକ୍ଷରୁ ଦାଏର ପିଟିଶନ୍‌ରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଶାସନ ସଚିବ, କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ସଚିବ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ, କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ, ଜାତୀୟ ଜନଜାତି ଆୟୋଗ, ଜାତୀୟ ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷ, ରାଜ୍ୟ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ, ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ସଚିବ, ରାଜ୍ୟ ଗୃହ ବିଭାଗର ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ରାୟଗଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଗୁଣପୁର, ୨।୫( ସୁଜାତା ପାଢ଼ୀ)**

**ପରିବାର ଆଣିଲେ ହତ୍ୟା ଅଭିଯୋଗ**

ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ପିତାମହଲ ଗାଁରେ ଜଣେ ମହିଳାଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ବୃନ୍ଦାବନ ଦଣ୍ଡସେନାଙ୍କ ସ୍ତ୍ରୀ ସୁପ୍ରିୟା (୧୮)। ଘଟଣା ସମ୍ପର୍କରେ ଖବରପାଇ ପୋଲିସ ପହଞ୍ଚିଥିବା ବେଳେ ଶନିବାର ସକାଳୁ ତାଙ୍କୁ ଘର ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ଏ ନେଇ ପ୍ରାଥମିକ ତଦନ୍ତରୁ ପୋଲିସ ପାରିବାରିକ କଳହ ଅନୁମାନ କରୁଥିବା ବେଳେ ସୁପ୍ରିୟାଙ୍କ ବାପା ଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି ଶେଷଖାଲ ଥାନା ଅଧିକାରୀ କ୍ଷୀରୋଦ ବାଗଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତକାରୀ ପୋଲିସ ଅଧିକାରୀ ଉପନିରୀକ୍ଷକ ପ୍ରଜ୍ଞାଶ୍ରୀ ନାୟକ ଘଟଣାର ତଦନ୍ତ କରୁଛନ୍ତି।

ଆମ୍ବଦଳା ଥାନା ପାଇକ ସାହିର କାନ୍ତାରୁ ବାଗ ସିଂଙ୍କ ଝିଅ ସୁପ୍ରିୟା। ୬ ମାସ ପୂର୍ବରୁ ରାୟଗଡ଼ା ପିତାମହଲ ଗ୍ରାମର ବୃନ୍ଦାବନ ଦଣ୍ଡସେନାଙ୍କ ସହ ପ୍ରେମ ବିବାହ କରିଥିଲେ। ବିବାହଟି ମନ୍ଦିରରେ ପୁଅ ଘର ପକ୍ଷରୁ ଆୟୋଜିତ ହୋଇଥିବା ବେଳେ, ଝିଅ ଘରକୁ ସେଥିପାଇଁ କୌଣସି ପୂର୍ବ ସୂଚନା ଦିଆଯାଇନଥିଲା। କିନ୍ତୁ ହଠାତ ସୁପ୍ରିୟାଙ୍କ ମୃତ୍ୟୁ ଖବର ତାଙ୍କ ବାପଘର ଲୋକଙ୍କୁ ମିଳିଥିଲା। ପରିବାର ଲୋକେ ପିତାମହଲରେ ପହଞ୍ଚି ସୁପ୍ରିୟାଙ୍କ ମୃତଦେହ ଦେଖିଥିଲେ। ସେମାନେ ଝିଅଙ୍କୁ ହତ୍ୟା କରାଯାଇଥିବାନେଇ କରି ଶେଷଖାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବ୍ୟବେଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ଅଧିକ ତଥ୍ୟ ମିଳିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ବସନ୍ତ ଉଲାକା ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି

**ଗୁଣପୁର, ୨।୫(ସୁଜାତା ପାଢ଼ୀ)**

ରାୟଗଡ଼ାର ଯୁବ ନେତା ବସନ୍ତ ଉଲାକା ରାଜ୍ୟ ଆଦିବାସି ମୋର୍ଚ୍ଚା ଉପସଭାପତିଭାବେ ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦ୍ରା ସୋରେନ ବସନ୍ତଙ୍କୁ ରାଜ୍ୟ ଉପ ସଭାପତି ଭାବେ ମନୋନୀତ କରିଛନ୍ତି। ଏହାପରେ ସେ ରାଜ୍ୟ ନେତୃତ୍ୱଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତ।



# ଶ୍ରମିକଙ୍କୁ ନ୍ୟାୟ ମିଳୁ ନ ଥିବା ଅଭିଯୋଗ



ନାଗଭୂଷଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଶ୍ରମିକ ନେତା।

**ଗୁଣପୁର, ୨।୫(ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ମୋଟର କର୍ମଚାରୀ ସଂଘ, ମିସ୍ତ୍ରୀ ୟୁନିୟନ ଏବଂ ସିପିଆଇ (ଏମ୍‌ଏଲ) ଲିବରେଶନ ପକ୍ଷରୁ ମିଳିତଭାବେ ନୂତନ ବସଷ୍ଟାଣ୍ଡରେ ଶ୍ରମିକ ଦିବସ ପାଳନ କରାଯାଇଛି। ମୋଟର କର୍ମଚାରୀ ସଂଘ ସମ୍ପାଦକ ପି. ଭେଙ୍କଟ ରାଓ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଏକ ଶୋଭାଯାତ୍ରା ବାହାରି ବାଇ ପାସ ଛକରେ ଥିବା ନାଗଭୂଷଣ ପଟ୍ଟନାୟକଙ୍କ ପ୍ରତି ମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପୁଞ୍ଜି ବିନିଯୋଗ ନାମରେ ଶ୍ରମିକ କର୍ମଚାରୀଙ୍କ ପାଇଁ ପୂର୍ବରୁ ଥିବା ୪୪ଟି ଶ୍ରମ କୋର୍ଡକୁ ପରିବର୍ତ୍ତନ କରି ମାଲିକମାନଙ୍କୁ ସୁହାଇଲା ଭଳି ୪ ଟି ଲେବ କୋର୍ଡ କରିଛନ୍ତି। ଶ୍ରମିକମାନଙ୍କ ପାଇଁ ଆଇନ ଥିବାବେଳେ ମଧ୍ୟ ତାଙ୍କୁ ନ୍ୟାୟ ମିଳୁ ନ ଥିବା ଅଭିଯୋଗ କରିଥିଲେ। ସାରା ଦେଶରେ ଶ୍ରମିକ ମାନଙ୍କ ଦାବିକୁ ନେଇ ଲଢେଇ କରୁଥିବା କର୍ମୀ ମାନଙ୍କୁ ଗିରଫ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନିତିକୁ ସିପିଆଇ (ଏମ୍‌ଏଲ) ଲିବରେସନ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ବୃନ୍ଦାବନ ବିଡିକା ତିବ୍ର ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ ପଟ୍ଟନାୟକ, ମିସ୍ତ୍ରୀ ୟୁନିୟନ ଉପ ସଭାପତି ଡମ୍ବୁରୁଧର ଦାସ, ସମ୍ପାଦକ ଜଗନ କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

**ଗୁଣପୁର, ୨।୫(ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରୀ ପ୍ରଧାନ ଶିକ୍ଷକ ଗଣେଶ ମାଳି ନିଜ ପଞ୍ଚପଦୀ ଅଧିଗମ ପଦ୍ଧତି ତଥା ପୁରାତନ ବୈଦିକ ଯୁଗର ଶିକ୍ଷା ବ୍ୟବସ୍ଥା ଏବଂ ଭାରତକୁ ବିଶ୍ୱ ଗୁରୁ କରାଇବା ପାଇଁ ବିଦ୍ୟା ଭାରତୀର କର୍ତ୍ତବ୍ୟ ବିଷୟରେ ମତ ଦେଇଥିଲେ। ଶିକ୍ଷା ବିକାଶ ସମିତି ଓଡିଶାଙ୍କ ପୂର୍ଣ୍ଣ କାଳୀନ କାର୍ଯ୍ୟକର୍ତ୍ତା ତଥା ଦକ୍ଷିଣ ସମ୍ଭାଗର ସମ୍ଭାଗ ସଂଯୋଜକ ସୁକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ତଥା ଗୁଣପୁର ସଂକୁଳ ସଂଯୋଜକ ପ୍ରଫୁଲ୍ଲ କୁମାର ଶତପଥୀ ଉକ୍ତ କାର୍ଯ୍ୟଶାଳା ସମ୍ପର୍କରେ ମତ ଦେଇଥିଲେ। ବିଦ୍ୟାଳୟର ଉପ ସଭାପତି ଧନ୍ୟବାଦ ପ୍ରଦାନ କରିଥିଲେ। ସଂକୁଳ ପ୍ରମୁଖ ଓ ବିଦ୍ୟାଳୟର ପରିଚାଳନା ସମିତି ବୃନ୍ଦ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଆଚାର୍ଯ୍ୟା ସନ୍ତୋଷୀ କୁମାରୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭାଙ୍ଗିଲା ବଡ଼ ବଡ଼ ଗଛ, ବିଦ୍ୟୁତ୍ ଯୋଗାଣ ବନ୍ଦ

**ଗୁଣପୁର, ୨।୫( ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ୨ ଦିନ ଧରି କାଳ ବୈଶାଖୀ ପ୍ରଭାବରେ ଝଡ଼ ବର୍ଷା ହୋଇଛି। ବିଭିନ୍ନ ସ୍ଥାନରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଥିଲା। ଫଳରେ ଯାତାୟାତରେ ବାଧାଗ୍ରସ୍ତ ଦେଖାଦେଇଛି। ରାୟଗଡ଼ା ସହରରେ ବିଦ୍ୟୁତ୍ ତାର ଓ ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଥିବାରୁ ସହରରେ ଦୀର୍ଘ ସମୟ ଧରି କରେଣ୍ଟ ନ ଥିଲା। ସହରବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ୱାଭାବିକ ପରିସ୍ଥିତି ଆଣିବା ପାଇଁ କାର୍ଯ୍ୟ କରିଥିଲେ।


ରାୟଗଡ଼ାରେ କାର୍ ଉପରେ ଏକ ଗଛ ଭାଙ୍ଗିପଡ଼ିଛି।

**ଝଡ଼ବର୍ଷାରେ ଉଡ଼ିଲା ଟିଣ: ଘରେ ପଶିଲା ପାଣି**

**ଟିକିରି,(ପ୍ରଫୁଲ୍ଲ କୁମାର ବେହେରା)**

**ରାୟଗଡ଼ାରେ କାଳବୈଶାଖୀ**

କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ଅଧୀନ ଗୋକୁଳମୁଣ୍ଡା ଗ୍ରାମରେ ଶୁକ୍ରବାର ଝଡ ପବନ ଓ ବର୍ଷା ହୋଇଛି। ଏଥିରେ ଶିତିଆ ମାଝୀଙ୍କ ଘରର ଟିଣ ପବନରେ ଉଡିଯାଇଥିବାରୁ ଘର ଭିତରକୁ ପାଣି ପଶି ଯାଇଛି। ଘରେ ରହିଥିବା ଧାନ ଫସଲ ସହ ଅନେକ ଆବଶ୍ୟକୀୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ସେହିପରି ଗ୍ରାମର ବିଭିନ୍ନ ରାସ୍ତାରେ ମଧ୍ୟ ଅନେକ ଗଛ ପଡିଥିବା ଦେଖିବାକୁ ମିଳିଛି। ଯାହା ଯାତାୟାତରେ ବାଧା ସୃଷ୍ଟି କରୁଛି। ସେହିପରି ଦୋରା ସାହିର ବାପା, ମାଁ ଛେଉଣ୍ଡ ୨ ଝିଅ ଘରେ ଥିବାବେଳେ ଘର ଉପରେ ଗଛ ପଡ଼ି ତାହା ଭାଙ୍ଗିଯାଇଛି। ଜାମଗୁଡ଼ା ପାହାଡ଼ ନିକଟରେ ଥିବା ଦେବୀ ମନ୍ଦିରରେ ଗଛ ପଡ଼ି ଟିଣ ନଷ୍ଟ ହୋଇଛି। ଗ୍ରାମବାସୀମାନେ ପ୍ରଭାବିତ ପରିବାରକୁ ଶୀଘ୍ର ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।


ଟିକିରିରେ କ୍ଷତିଗ୍ରସ୍ତ ଏକ ଘର।

**ଭାଙ୍ଗିଲା ଘର କାନ୍ଥ ଅଳ୍ପକେ ବର୍ତ୍ତିଲେ ପରିବାର**

**କଲ୍ୟାଣସିଂହପୁର, (ଦୀପକ କୁମାର ପରିଡ଼ା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ସଦର ଜଗନ୍ନାଥ କଲୋନୀରେ ଗୁରୁବାର ସନ୍ଧ୍ୟାରେ ହୋଇଥିବା କାଳ ବୈଶାଖୀ ପ୍ରବାବରେ ବ୍ୟାପକ କ୍ଷୟ କ୍ଷତି ହୋଇଛି। ଘର କାନ୍ଥ ଭାଙ୍ଗିବା ସହ ଆସବା ପତ୍ର ପବନରେ ଉଡ଼ି ନଷ୍ଟ ହୋଇଛି। ସୂଚନା ମୁତାବକ , ଗୁରୁବାର ସନ୍ଧ୍ୟାରେ ଜୋରରେ ପବନ ବୋହିବା ସହ ବର୍ଷା ହୋଇଥିଲା। ଝଡ଼ବର୍ଷାରେ ସନ୍ତୋଷ ବାଗ ଓ ଈଶ୍ୱର କୋଶଲ୍ୟଙ୍କ ଘର କାନ୍ଥ ଭାଙ୍ଗି ଯାଇଛି। ଏଥିରେ କିନ୍ତୁ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ପରିବାର ଅସହାୟ ଅବସ୍ଥାରେ ରହିଛନ୍ତି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଆରଆଇ ଗୌରୀଶଙ୍କର କଣ୍ଡଗିରିଙ୍କୁ ପଚାରିବାରୁ କହିଛନ୍ତି କ୍ଷତିଗସ୍ତ ପରିବାକୁ ପଲିଥିନ ଯୋଗାଇ ଦିଆଯିବ। କ୍ଷୟକ୍ଷତି ଆକଳନ ପରେ ସେମାନଙ୍କ ପାଇଁ ପକ୍କାଘର ବ୍ୟବସ୍ଥା କରାଯିବ।

**କାଳବୈଶାଖୀ ପ୍ରଭାବରେ ଉଡ଼ିଲା ୨ ଘରର ଟିଣ**

**ଗୁଡାରି, (ପ୍ରମୋଦ କୁମାର ପତି)**

ଗୁଡାରିରେ ଶନିବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବରେ ମଧୁବନ ପଞ୍ଚାୟତ ଅଧୀନ ସୁକୁଡୁବାଜୁ ଗ୍ରାମର ୨ ଗୋଟି ପରିବାରର ଘରର ଟିଣ ଉଡିଯାଇଛି। ଗ୍ରାମର କୁରୁଞ୍ଜି କୁଡୁକାକା ଓ ଶଶୀ ମାମ୍ଭାଲାକାଙ୍କ ଘରର ଟିଣ ସମ୍ପୂର୍ଣ୍ଣ ଉଡିଯିବା ଫଳରେ ଘରେ ବର୍ଷା ପାଣି ପଶିଯାଇଥିଲା। ରବିବାର ରାଜସ୍ୱ ନିରୀକ୍ଷକ ସେହି ଗ୍ରାମକୁ ଯାଇ ସ୍ଥିତି ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିବା ପରେ ପରର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଏ ନେଇ ତହସିଲଦାର ଏ. ସ୍ନେହଲତା କହିଛନ୍ତି। ଏହାଛଡ଼ା କାଳ ବୈଶାଖୀ ପ୍ରଭାବରେ ସହର ନିକଟସ୍ଥ ବିର୍ଷାନାଳ ବ୍ରିଜ ନିକଟରେ ଏକ ବଡ଼ ଗଛ ରାସ୍ତାରେ ପଡ଼ିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ। ଯାତାୟାତ ସ୍ୱାଭାବିକ ହୋଇଥିଲା।

# ନବରଙ୍ଗପୁର ଜିଲାରେ ଏ-୧ରେ ୯ ଛାତ୍ରୀଛାତ୍ର

■ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ
■ ଦେବପ୍ରିୟା ବାରିକ ଜିଲାରେ ଟପ୍ପର

ନବରଙ୍ଗପୁର,୨।୫(ସଦାଶିବ ପ୍ରହରାଜ)

ଚଳିତ ବର୍ଷ ନବରଙ୍ଗପୁର ଜିଲାରେ ମାଟ୍ରିକ୍ ପାସ୍ ହାର ୯୪.୪ ପ୍ରତିଶତ ରହିଛି। ତେବେ ଜିଲାର ୮୫ ହାଇସ୍କୁଲର ଶତ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଜିଲାର ୨୨୯ ହାଇସ୍କୁଲର ୧୭ ହଜାର ୯୭୨ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୯ ଜଣ ଛାତ୍ରୀଛାତ୍ର ଏ-୧ରେ ପାସ୍ କରିଛନ୍ତି। ଏ-୨ ରେ ୨୭୨, ବି-୧ରେ ୧୯୫୨, ବି-୨ରେ ୪୫୫୬, ସି ଗ୍ରେଡ୍‌ରେ ୬୦୩୬, ଡି ଗ୍ରେଡ୍‌ରେ ୩୪୧୬ ଓ ଇ ଗ୍ରେଡ୍‌ରେ ୧୦୬୧ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୪୬୧ ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଜିଲାରେ ଭଲ ରେଜଲ୍ଟ ହୋଇଛି।

ମାଟ୍ରିକ ପରୀକ୍ଷାରେ ନବରଙ୍ଗପୁର ଜିଲାର ଯୋଡ଼ିଙ୍ଗା ସଂପୁକ୍ତା ହାଇସ୍କୁଲର ଦେବୀପ୍ରିୟା ବାରିକ ୫୫୧ ନମ୍ବର ରଖି ଜିଲାରେ ପ୍ରଥମ ହୋଇଛନ୍ତି। ଉମରକୋଟ ସରକାରୀ ୟୁଜି ହାଇସ୍କୁଲର ସାଇନା ମଙ୍ଗଲମ୍ ୫୪୮ ମାର୍କ ରଖି ୨ୟ ହୋଇଛନ୍ତି। ଉକ୍ତ ସ୍କୁଲର ସ୍ୱଦେଶ ଗୌରବ ଓ ସିଦ୍ଧାର୍ଥ ପାଣିଗ୍ରାହୀ ୫୪୦ ମାର୍କ ଏ-୧ ରଖିଛନ୍ତି। ସେହିଭଳି ଖାତିଗୁଡ଼ା ଇଣ୍ଟିଗ୍ରାଲ ଏଡୁକେଶନ୍ ସେଣ୍ଟର ଆକାଂକ୍ଷା ନାୟକ ୫୪୪ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହି ବିଦ୍ୟାଳୟର ଶ୍ରଦ୍ଧା ସୁମନ ନାୟକ ୫୪୦ ନମ୍ବର ରଖିଛନ୍ତି। ଗମ୍ଭାରୀଗୁଡ଼ା ଶ୍ରୀଜଗନ୍ନାଥ ହାଇସ୍କୁଲର ଶୁଭଙ୍କର ସାହୁ ୪୪୧ ନମ୍ବର ରଖି ୪ର୍ଥ ସ୍ଥାନରେ ରହିଛନ୍ତି। ଦଲବେଡ଼ା ୟୁଜି ହାଇସ୍କୁଲର ନୀଳକଣ୍ଠ ଦାଶ ଓ ସରସ୍ୱତୀ ବିଦ୍ୟାମନ୍ଦିରର ସତ୍ୟମ ଭୋଇ ୫୪୦ ନମ୍ବର ରଖିଛନ୍ତି।


ସାଇନା ମଙ୍ଗଲମ


ଆକାଂକ୍ଷା ନାୟକ


ଶ୍ରଦ୍ଧା ସୁମନ ନାୟକ

## ଉମରକୋଟର ସାଇନା ଜିଲାରେ ଦ୍ୱିତୀୟ

ଉମରକୋଟ (ସନ୍ତୋଷ ଶତପଥୀ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର, ଉମରକୋଟର ଛାତ୍ରୀ ସାଇନା ମଙ୍ଗଲମ ୫୪୮ ନମ୍ବର ରଖି ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ବର୍ଷ ପରୀକ୍ଷାରେ ଆଶାତୀତ ମାର୍କ ରହିଛି। ପ୍ରତିଦିନ ପ୍ରାୟ ୧୬ ଘଣ୍ଟା ପାଠ ପଢ଼େ। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବାର ଲକ୍ଷ୍ୟ ରଖିଥିବା ସାଇନା କହିଛନ୍ତି। ବିନା ଟ୍ୟୁଶନରେ ପରିଶ୍ରମ କରି ଏହି ସଫଳତା ପାଇଥିବାରୁ ସେ ଏବେ ଅନେକ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ମା ଅଳକା ନାୟକ ଗୃହିଣୀ ରହିଥିବା ବେଳେ ବାପା ଦୀପକ ପ୍ରଧାନ ଶିକ୍ଷକତା କରନ୍ତି। ଏହି ସଫଳତା ପାଇଁ ସେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସହ ମା ବାପାଙ୍କୁ ଶ୍ରେୟ ଦେଇଛନ୍ତି। ଏହି ସଫଳତା ପରେ ବିଦ୍ୟଳୟ ଓ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସଫଳତା

## ଆକାଂକ୍ଷା ଜିଲାରେ ତୃତୀୟ, ଶ୍ରଦ୍ଧା ରଖିଲେ ୯୦ ପ୍ରତିଶତ

ତେନ୍ତୁଳିଖୁଣ୍ଟି, (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଖାତିଗୁଡ଼ାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨ ଜଣ ଛାତ୍ରୀ ୯୦ ପ୍ରତିଶତ ନମ୍ବର ରଖିଛନ୍ତି। ଆକାଂକ୍ଷା ନାୟକ ୫୪୪ ନମ୍ବର ରଖି ଜିଲାରେ ତୃତୀୟ ହୋଇ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ଶ୍ରଦ୍ଧା ସୁମନ ନାୟକ ୫୪୦ (୯୦ ପ୍ରତିଶତ) ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଉଭୟେ ଆକାଂକ୍ଷା ଓ ଶ୍ରଦ୍ଧା ସଫଳତାର ଶ୍ରେୟ ପିତାମାତା ଓ ବିଦ୍ୟାଳୟର ଅପା ଓ ଭାଇ ତଥା ଅଧକ୍ଷା ଇଲି ଅପାଙ୍କୁ ଦେଇଛନ୍ତି। ଆକାଂକ୍ଷାଙ୍କ ବାପା ଖବରଦାତା ଥିବାବେଳେ ମା' ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ। ଆକାଂକ୍ଷା ଭବିଷ୍ୟତରେ ଡାକ୍ତର ହେବା ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିଭଳି ଶ୍ରଦ୍ଧାଙ୍କ ବାପା ସୁଧୀର କୁମାର ନାୟକ ଓ ମା' ମଞ୍ଜୁଳା କୁମାରୀ ପାତ୍ର ଶିକ୍ଷକତା କରୁଥିବା ବେଳେ ସେ ଏଣ୍ଡ୍ରଗାଇନୋକୋଲୋଜିଷ୍ଟ ହେବା ଲକ୍ଷ୍ୟ ରଖିଥିବା କହିଛନ୍ତି।

## ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲର ୯୨% ପାସ୍ ହାର

ଉମରକୋଟ(ସନ୍ତୋଷ ଶତପଥୀ)


ସୁଦତ୍ତା ସାନ୍ତ୍ରା


ସୁମନ ବାରୋଇ

୧୦ମ ଶ୍ରେଣୀ ପରୀକ୍ଷାରେ ଉମରକୋଟ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ୍ ସ୍କୁଲର ୯୨ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହେଇଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୭ ଜଣ, ୨ୟ ଶ୍ରେଣୀରେ ୧୪ ଜଣ ଓ ୩ୟ ଶ୍ରେଣୀରେ ୧୩ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେଥିମଧ୍ୟରୁ ଅନ୍ୱେଷା ହଷ୍ଟେଲରେ ରହି ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ୭ ଜଣ ପ୍ରଥମ, ୪ ଜଣ ଦ୍ୱିତୀୟ ଓ ୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସ୍କୁଲ ଛାତ୍ରୀ ସୁଦତ୍ତା ସାନ୍ତ୍ରା ଓ ସୁମନ ବାରୋଇ ୯୨.୬ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଏଥିପାଇଁ ସମସ୍ତ କୃତୀ ଛାତ୍ରୀଛାତ୍ର ସ୍କୁଲ ସଭାପତି ଜୟଦେବ କୁମାର ପରିଡ଼ା, ଅଧ୍ୟକ୍ଷା ଓମ୍‌ପ୍ରଭା ସାହୁ ଓ ଭାଇସ୍ ପ୍ରିନ୍ସିପାଲ ରାମ ତୁରୁକ୍ ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ


ହିତାଧିକାରୀଙ୍କୁ ଅତିଥିମାନେ ଭତ୍ତା ପ୍ରଦାନ କରୁଛନ୍ତି।

ଡାବୁଗାଁ, ୨।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥିରେ ମଧୁବାବୁ ପେନ୍‌ସନ ଯୋଜନା ଓ ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ମୋଟ ୨୧୦ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏଥିରେ ଅନ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା, ଡାବୁଗାଁ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ଏମ୍‌ପିଙ୍କ ପ୍ରତିନିଧି ରାଜଶେଖର ରାଓ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ଭାଜପା ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ ଉପସ୍ଥିତ ଥିଲେ।

## ୫ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

### ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ

ନବରଙ୍ଗପୁର,୨।୫ (ସଦାଶିବ ପ୍ରହରାଜ)


ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ଜିଲା ଅଦାଲତ ପରିସରରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୨୦୨୬ ବର୍ଷ ପାଇଁ ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ୨ ତାରିଖରୁ ଆରମ୍ଭ ହୋଇଛି। ୨ ଏବଂ ୩ ତାରିଖ ନାମାଙ୍କନ ପତ୍ର ଦାଖଲ, ୫ର ପ୍ରାର୍ଥିପତ୍ର ଯାଞ୍ଚ, ୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର, ୯ରେ ଚୂଡ଼ାନ୍ତ ପ୍ରାର୍ଥୀ ପତ୍ର ତାଲିକା ଏବଂ ୨୩ ତାରିଖରେ ନିର୍ବାଚନ,ଭୋଟ ଗଣତି ଓ ବିଜୟୀ ପ୍ରାର୍ଥୀ ଘୋଷଣା କରାଯିବ। ଏହି ନିର୍ବାଚନ ପ୍ରକ୍ରିୟାକୁ ନିର୍ବାଚନ ଅଧିକାରୀ ଆଇନଜୀବୀ ସରୋଜ କୁମାର ବେହେରା, ସହାୟକ ନିର୍ବାଚନ ଅଧିକାରୀ କିଶୋର ପଟନାୟକ ଓ ପ୍ରଦୀପ କୁମାର ସାହୁ ପରିଚାଳନା କରୁଛନ୍ତି। ପ୍ରଥମ ଦିବସରେ ସଭାପତି ଭାବେ ଆଇନଜୀବୀ ସନ୍ତୋଷ ମିଶ୍ର ଓ ସିରାଜୁଦ୍ଦିନ ଅହମ୍ମଦ, ଉପସଭାପତି ଭାବେ ସ୍ନେହଲତା ଦେବୀ, ସମ୍ପାଦକଭାବେ କିଶୋରୀ ପଟ୍ଟନାୟକ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ବାଲାଜୀ ପ୍ରସାଦ ମିଶ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

## ଉଡ଼ିଲା ଛପର, ଭାଙ୍ଗିଲା ଗଛ

### ନବରଙ୍ଗପୁରରେ କାଳ ବୈଶାଖୀ ତାଣ୍ଡବ

■ ପାପଡ଼ାହାଣ୍ଡିରେ କାନ୍ଥପଡ଼ି ବୃଦ୍ଧ ଦମ୍ପତି ଗୁରୁତର

ନନ୍ଦାହାଣ୍ଡି/ ପାପଡ଼ାହାଣ୍ଡି,, ୨।୫
(ପ୍ରତୀପ କୁମାର ଦାଶ/ ସ୍ୱପ୍ନଜିତ ପଟ୍ଟନାୟକ)


ନନ୍ଦାହାଣ୍ଡି ଖଡିଆଗୁଡ଼ା ଗ୍ରାମରେ ଭାଙ୍ଗିଯାଇଥିବା ଏକ ଘର।

କାଳ ବୈଶାଖୀ ପ୍ରଭାବରେ ନବରଙ୍ଗପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କେଉଁଠି ଛପର ଉଡ଼ିଯାଇଥିବା ବେଳେ କେଉଁଠି ଗଛ ଭାଙ୍ଗି ପଡ଼ିଛି। ବିଶେଷ କରି ନନ୍ଦାହାଣ୍ଡି ଓ ପାପଡ଼ାହାଣ୍ଡି ବ୍ଲକରେ ବ୍ୟାପକ କ୍ଷତି ହୋଇଛି।

ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ଅତ୍ୟଧିକ ପବନ ହେବାରୁ ଖଡିଆଗୁଡ଼ା ଗ୍ରାମର ହରିହର ପାଇକଙ୍କ ଘରର ସବୁ ଆଜବେଷ୍ଟସ ଉଡ଼ିଯାଇଛି। ବର୍ଷା ପ୍ରଭାବରେ ଘରର ସମସ୍ତ ଆସବାବ ପତ୍ର ନଷ୍ଟ ହୋଇଛି। ହରିହର ନିଜ ସ୍ତ୍ରୀଙ୍କ ସହ ସେହି ଘରେ ରହୁଥିଲେ। ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଫଳରେ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଶନିବାର ଖବରପାଇ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଘଟଣା ସ୍ଥଳକୁ ପଠାଇ ଅସ୍ଥାୟୀ ଓ ଜରୁରୀକାଳୀନ ସାହାଯତା ମୁତାବକ ଏକ ପଲିଥିନ ଯୋଗେଇ ଦେଇଛନ୍ତି। ହରିହରଙ୍କଠାରୁ ଆବଶ୍ୟକୀୟ ନଥିପତ୍ର ନେଇ କ୍ଷୟକ୍ଷତି ଆକଳନ କରିବା ସହ ସରକାରୀ ନିୟମ ପ୍ରକାରେ ସହାୟତା ମିଳିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିଭଳି ସାଗରମୁଣ୍ଡା ବିଦ୍ୟାଳୟରୁ ମଧ୍ୟ ଟିଣ ଉଡ଼ିଯାଇଛି। ନିକଟସ୍ଥ ଏକ ଗଛ ଉପୁଡି ସ୍କୁଲ ଘର ଉପରେ ପଡିବାରୁ ଘରଟି ଭାଙ୍ଗିଯାଇଥିବା ସୂଚନା ମିଳିଛି।

ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଲାଇବାନପଦର ଗ୍ରାମରେ ଶନିବାର ଅପରାହ୍ନ ୪ଟାରେ ରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଏହି ସମୟରେ ଏକ ଗଛ ପଡ଼ି ଯିବାରୁ ତାହା ଭାଙ୍ଗି ଯାଇଥିଲା। ଘରେ ଥିବା ଶୁକ୍ରୁ ସାନ୍ତା ଓ ଫୁଲମୋନି ସାନ୍ତା ଆହତ ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଉନ୍ନତ ଚିକିତ୍ସା ପାଇ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେହିପରି ଜଟାବାଲ ଠାରେ ଅବଦୁଲ ଜାଫରଙ୍କ ଘରର ଟିଣ ଉଡ଼ିଯାଇଥିବା ସୂଚନା ମିଳିଛି।

## ବନ୍ଧୁକ ମୁନରେ ସୁନା ଅଳଙ୍କାର ଲୁଟ୍

ନବରଙ୍ଗପୁର,୨।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ରାତି ଅଧରେ ସଶସ୍ତ୍ର ଡକାୟତି। ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଲୁଟ ପରେ ଖୋଲାଖୋଲି ଭାବେ ସକାଳେ ଥାନାରେ ଅଭିଯୋଗକରି ବୋଲି ପୋଲିସକୁ ଚାଲେଞ୍ଜ ଦେଇ ଚାଲିଗଲେ ଲୁଟେରା। ନବରଙ୍ଗପୁର ଥାନା ମିର୍ଗାନଗୁଡ଼ା ଅଞ୍ଚଳର ଆଶୀର୍ବାଦ କଲୋନିରୁ ଏହି ଅଭିଯୋଗ ଆସିଛି। ନବରଙ୍ଗପୁର ଥାନା ଅଧୀନ ମିରିଗାନଗୁଡ଼ା ଆଶୀର୍ବାଦ କଲୋନିର ଏସ୍. ଗୋବିନ୍ଦା ସୁବୁଦ୍ଧିଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ୭ ରୁ ୮ ଜଣ ଅଜଣା ମୁଖାପିନ୍ଧା ଦୁର୍ବୃତ୍ତ ଘର କବାଟ ଭାଙ୍ଗି ଭିତରେ ପଶିଥିଲେ। ଏସ୍. ଗୋବିନ୍ଦା ଓ ତାଙ୍କ ସ୍ତ୍ରୀଙ୍କ ଆଖିରେ ଲେଜର ଲାଇଟ ପକାଇବା ଫଳରେ ଉଭୟ ସ୍ୱାମୀ ସ୍ତ୍ରୀ କିଛି ଦେଖିପାରି ନ ଥିଲେ। ଉଭୟଙ୍କୁ ବସିବା ପାଇଁ କହି ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ସୁନା ଅଳଙ୍କାର ଦେବାକୁ କହିଥିଲେ। ଭୟରେ ସେମାନେ ସୁନା ଅଳଙ୍କାର ଦେଇ ଥିଲେ। ବନ୍ଧୁକର ଭୟ ଦେଖାଇ ୮ ଭରି ସୁନା, ପ୍ରାୟ ୧୫ ହଜାର ଟଙ୍କା ଏବଂ ୨ଟି ମୋବାଇଲ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଭୋଟର ତାଲିକା ସଂଶୋଧନକୁ ନେଇ ପ୍ରଶ୍ନ ଉଠାଇଲେ ସ୍ୱତନ୍ତ୍ର ସରକାରୀ ଓକିଲ

ନବରଙ୍ଗପୁର, ୨।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ନିର୍ବାଚନ ପ୍ରକ୍ରିୟା ଓ ଭୋଟର ତାଲିକା ସଂଶୋଧନକୁ ନେଇ ସ୍ୱତନ୍ତ୍ର ସରକାରୀ ଓକିଲ ତଥା ପୂର୍ବତନ ଜିଲା ଓକିଲ ସଂଘ ସମ୍ପାଦକ ମୃତ୍ୟୁଞ୍ଜୟ ମହାରଣା ସ୍ପଷ୍ଟୀକରଣ ମାଗିଛନ୍ତି। ମତଦାନ ଦେବା ଅଧିକାରକୁ କ୍ଷୁଣ୍ଣ କରାଯାଉଛି। ପ୍ରାର୍ଥିପତ୍ର ଦାଖଲ କରିବାକୁ ମନା କରାଯାଇଥିବା ନେଇ ତାଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନୀ କରି ସେ କହିଛନ୍ତି।

ନବରଙ୍ଗପୁର ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ରାଜ୍ୟ ବାର୍ କାଉନ୍‌ସିଲ ଭୋଟର ତାଲିକା ଜିଲା ସଂଘକୁ ପ୍ରଦାନ କରିଛନ୍ତି। କିନ୍ତୁ ନବରଙ୍ଗପୁର ଜିଲା ଓକିଲ ସଂଘ ସ୍ୱର୍ଗତ ଆଇନଜୀବୀଙ୍କ ସମେତ ୫୧ ଜଣଙ୍କ ନାମ ଭୋଟର ତାଲିକାରୁ କାଟି ଦେଇଥିବା ଅଭିଯୋଗ କରି ସେ ନିର୍ବାଚନ ଅଧିକାରୀଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ରାଜ୍ୟ ବାର୍ କାଉନସିଲର ଦେଇଥିବା ତାଲିକାକୁ ଜିଲା ସଂଘ ଭୋଟରଙ୍କ ନାମ କାଟି ପାରିବ ନାହିଁ। ଶନିବାର ଓ ରବିବାର ପ୍ରାର୍ଥିପତ୍ର ଦାଖଲ ସମୟ ରହିଛି। ସେ ସଭାପତିପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବାକୁ ଚାହୁଁଛନ୍ତି। କିନ୍ତୁ ତାଙ୍କ ନାମ ଭୋଟର ତାଲିକାରେ ନାହିଁ। ତାଙ୍କ ନାମ କଟାଯାଇଥିବା ଜିଲା ଆଇନ ଯିବି ସଂଘ ଦର୍ଶାଇଥିବା ସେ କହିଛନ୍ତି। ରବିବାର ସ୍ପଷ୍ଟୀକରଣର ଉତ୍ତର ଦିଆଯିବ ବୋଲି ନିର୍ବାଚନ ଅଧିକାରୀ କହିଥିବା ସେ ମତ କହିଛନ୍ତି। ମତଦାନ ପାଇଁ ସୁଯୋଗ ଦିଆ ନ ଗଲେ ହାଇକୋର୍ଟ ଯିବେ ବୋଲି ସୂଚନା ଦେଇଛନ୍ତି।

## ୪ ଶିକ୍ଷକଙ୍କୁ ଶିକ୍ଷାରତ୍ନ ସମ୍ମାନ

ଉମରକୋଟ, ୨।୫(ସନ୍ତୋଷ ଶତପଥୀ)

ଓଡ଼ିଶା ଅଭିଭାବକ ମହାସଂଘ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ଶିକ୍ଷା ରତ୍ନ ସମ୍ମାନ-୨୦୨୬ରେ ନବରଙ୍ଗପୁର ମଙ୍ଗଳ ବିଭାଗର ୪ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ଯୋଡିଙ୍ଗା କନ୍ୟାଶ୍ରମ ସ୍କୁଲର ସପନ ବୈରାଗୀ, ଡାବୁଗାଁ କନ୍ୟାଶ୍ରମର ମନୋଜ ବାଘ, ଜଟାବାଲ ଆଶ୍ରମ ସ୍କୁଲର ଶିକ୍ଷକ ଆଶୁତୋଷ ଗନ୍ତାୟତ ଏବଂ ବେଲଗାଁ ଆଶ୍ରମ ସ୍କୁଲର କ୍ରୀଡା ଶିକ୍ଷକ ଦିପାଂଶୁ ଶେଖର କୁଣ୍ଡୁ। ମୁଖ୍ୟ ଅତିଥି ଭାବେ ଝାରଖଣ୍ଡର ପୂର୍ବତନ ମୁଖ୍ୟ ବିଚାରପତି ତଥା ଓଡ଼ିଶା ମାନବାଧିକାର ସଚିବ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ରାଜ୍ୟ ଅଭିଭାବକ ସଂଘ ସଭାପତି ଓ ବରିଷ୍ଠ ଖବରଦାତା ରବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପୁରସ୍କୃତ ହୋଇଥିବା ଶିକ୍ଷକମାନେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତେନ୍ତୁଳିଖୁଣ୍ଟି, ୨।୫(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତ ସଦରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାପାତ୍ରଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ଚାକିରୀକାଳର ଭଲ ସ୍ମୃତି ସହ ଶିକ୍ଷକ ମହାପାତ୍ରଙ୍କ ଛାତ୍ର ବତ୍ସଳତା ସମ୍ପର୍କରେ ମତ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶେଖର ଖୁରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା ଏହି ଅବସରକାଳିନ ସଭା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଲ୍ଲୀଶ୍ରୀ ବରାଡ଼ଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହୋଇଥିଲା। ସହକାରୀ ଶିକ୍ଷକ ବିଭୁତି ଭୂଷଣ ପତି ସଭା ପରିଚାଳନା କରିଥିଲେ।

## ହତ୍ୟା ଘଟଣାରେ ୬ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର, ୨।୫(ସଦାଶିବ ପ୍ରହରାଜ)

ଏକ ହତ୍ୟା ଘଟଣାରେ ପ୍ରମାଣ ଅଭାବରୁ ୬ ଜଣ ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲା ଦୌରା ଜଜ୍ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ତପନ ଗରଡ଼ା, ବିଦ୍ୟା ଭୂଷଣ ବାଘ, ହେମନ୍ତ ଗରଡ଼ା, ଭକ୍ତନାଥ ହରିଜନ, ସନ୍ତୋଷ ଖରା ଓ ରାହୁଲ ସୁନା। ସୂଚନାନୁଯାୟୀ, ୨୦୨୨ ଜୁଲାଇ ୩୧ ସନ୍ଧ୍ୟାରେ ସ୍ଥାନୀୟ ସାହିଲ ହୋଟେଲ ସମ୍ମୁଖ ପଡ଼ିଆରେ ଶେଖ୍ ନିଜାମ ନାମକ ଜଣେ ବ୍ୟକ୍ତିଙ୍କୁ ଖଣ୍ଡାରେ କେତେଜଣ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ନିଆଯାଇଥିଲା। ସେଠାରୁ କୋରାପୁଟ ଡାକ୍ତରଖାନା ନେବାବେଳେ ରାସ୍ତାରେ ମୃତ୍ୟୁ ହୋଇଯାଇଥିଲା। ଏନେଇ ମୃତକଙ୍କ ଭାଇ ଶେଖ୍ ଚାନ୍ଦ ନବରଙ୍ଗପୁର ଥାନାରେ ଦିନକ ପରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁକରି କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। କୋର୍ଟ କେସ୍ ନମ୍ବର ୭୮/୨୦୨୨ରେ ମାମଲାଟି ବିଚାରାଧୀନ ରହିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ତପନ ପାଣିଗ୍ରାହୀ ଓ ଯୁଧିଷ୍ଠିର ନାୟକ ମାମଲା ପରିଚାଳନା କରୁଥିଲେ।

## ଶ୍ରମିକମାନେ ରାଷ୍ଟ୍ର, ଭିତ୍ତିଭୂମି ବିକାଶର କର୍ଣ୍ଣଧାର

### ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହ

ନବରଙ୍ଗପୁର,୨।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରସ୍ଥିତ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରି ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଉପଜିଲାପାଳ ପ୍ରକାଶ ମିଶ୍ର, ପୌରାଧ୍ୟକ୍ଷ କୁନୁ ନାୟକ, ଏମ୍‌ପି ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ବିଧାୟକ ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରମିକମାନେ ରାଷ୍ଟ୍ର ଓ ଭିତ୍ତିଭୂମିର ବିକାଶର କର୍ଣ୍ଣଧାର। ତାଙ୍କର ଉନ୍ନତିରେ ରାଷ୍ଟ୍ରର ଉନ୍ନତି ସମ୍ଭବ। ଶ୍ରମିକମାନେ ପଞ୍ଜୀକୃତ ହୋଇ ଶ୍ରମିକ କଲ୍ୟାଣ ଯୋଜନାରେ ଯେପରି ଉଚିତ ସହାୟତା ପାଇପାରିବେ ସେ ନେଇ ସଚେତନତା ଆବଶ୍ୟକ ସହ ବିଭାଗୀୟ ପଦକ୍ଷେପ ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଧାର୍ଯ୍ୟ ମଜୁରିରୁ କମ୍ ମିଳିଲେ ଅଭିଯୋଗ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଓ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ଯୋଗ୍ୟ ବିବେଚିତ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ୭୫୮ହିତାଧିକାରୀଙ୍କୁ ୪,୫୫,୨୫,୬୦୦ ଟଙ୍କା ଡିବିଟି ମାଧ୍ୟମରେ ନିର୍ମାଣ ଶ୍ରମିକଙ୍କ ଜମା ଖାତାକୁ ଦିଆଯାଇଛି। କାର୍ଯ୍ୟକ୍ରମରେ ବିଏମ୍‌ଏସ୍‌ର ପରମେଶ୍ୱର ବିଷୋୟୀ, ବିଶ୍ୱକର୍ମା ମଜଦୁର ସଂଘର ଖଗେଶ୍ୱର ବିଶୋୟୀ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘର ରାମ ବିଷୋୟୀ, ସ୍ୱାଭିମାନ କୁଲି ମଜୁରିଆ ରାଜମିସ୍ତ୍ରି ସଂଘର ସୁଜିତ୍ କୁମାର ହିଆଲ, ଡିଆଇପିଆର୍ ଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ସଭା ପରିଚାଳନା କରିଥିଲେ।

## ମିଳିବ ୭୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କ୍ଷତିପୂରଣ

### ନବରଙ୍ଗପୁର-ଜୟପୁର ରେଳପଥ ପ୍ରକଳ୍ପର ଭୂମି ଅଧିଗ୍ରହଣ

ନବରଙ୍ଗପୁର,୨।୫(ସଦାଶିବ ପ୍ରହରାଜ)



ଅତିଥିଙ୍କ ଗହଣରେ କ୍ଷତିପୂରଣ ପାଇଥିବା ଲୋକେ।

ନବରଙ୍ଗପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ନବରଙ୍ଗପୁର ଜୟପୁର-ରେଳପଥ ପ୍ରକଳ୍ପ ନେଇ ଭୂମି ଅଧିଗ୍ରହଣ ବାବଦ କ୍ଷତିପୂରଣ ରାଶି ବିତରଣ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜମି ଅଧିଗ୍ରହଣ ଯୋଗୁ ଜମି ହରାଇଥିବା ୧୪ ଜଣ ବ୍ୟକ୍ତିଙ୍କୁ ମୋଟ ୭୦କୋଟି ୪୮ଲକ୍ଷ ୨୬ ହଜାର ୬୬୩ଟଙ୍କାର ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ଅନ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ, ଜିଲାପାଳ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ପୌରାଧ୍ୟକ୍ଷ କୁନୁ ନାୟକ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ରେଳ ପ୍ରକଳ୍ପ ନବରଙ୍ଗପୁର ଜିଲାବାସୀଙ୍କ ବହୁ ଦିନର ଦାବି ଓ ସ୍ୱପ୍ନକୁ ପୂରଣ କରିବ। ଖୁବ୍ ଶୀଘ୍ର ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଏମ୍‌ପି କହିଥିଲେ। ତହସିଲଦାର ଭୁଲେଶ୍ୱର ସଭା ପରିଚାଳନା କରିଥିଲେ। ଏହି ପ୍ରକଳ୍ପ ନିମନ୍ତେ ନବରଙ୍ଗପୁର ତହସିଲ କେଶାରିଗୁଡ଼ା ମୌଜାର ୨୯.୨୧୫ଏକର ଜମି ଅଧିଗ୍ରହଣ କରାଯାଇଛି। ମୁଖ୍ୟ ଅତିଥି ଏହି ଅବସରରେ କେଶାରୀଗୁଡ଼ା ମୌଜାର ୨୦ ଜଣ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ କରିଥିଲେ। ପ୍ରକାଶଯେ, ପ୍ରସ୍ତାବିତ ଗୁନାଗଡ଼-ନବରଙ୍ଗପୁର , ନବରଙ୍ଗପୁର - ଜୟପୁର ଏବଂ ମାଲକାନଗିରି-ଭଦ୍ରାଚଳମ ମୋଟ ୪୬୦ କି.ମି. ସ୍ୱାଧୀନ ଭାରତର ଦ୍ୱିତୀୟ ବୃହତ୍ତମ ରେଳପଥ ପ୍ରକଳ୍ପ । କାର୍ଯ୍ୟକ୍ରମରେ ଜମି ହରାଇ କ୍ଷତିପୂରଣ ପାଇଥିବା ବ୍ୟକ୍ତି, ଏମ୍‌ପିଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ କଂସ, ଡିଆଇପିଆର୍‌ଓ ମନୋଜ ବେହେରା, ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣଙ୍କ ସମେତ ଅନେକ ହିତାଧିକାରୀ, ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣ,ତହସିଲ କାର୍ଯ୍ୟାଳୟ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଗଛ ପଡ଼ି ଭାଙ୍ଗିଲା ଯାତ୍ରୀ ବିଶ୍ରାମାଗାର

ନନ୍ଦପୁର/ପାଡୁଆ,୨ା୫ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାବିର ପଞ୍ଚାୟତ ଦୋରା ସୁବୁଲାର ଗ୍ରାମ ଯାତ୍ରୀ ବିଶ୍ରାମାଗାର ଉପରେ ଗଛ ଭାଙ୍ଗି ପଡ଼ିବାରୁ ଶୁକ୍ରବାର ଏହା ନଷ୍ଟ ହୋଇଛି। ବିଶ୍ରାମାଗାର ମଧ୍ୟରେ କେହି ନ ଥିବାରୁ କୌଣସି ଅଘଟଣ ଘଟି ନ ଥିବା ସୂଚନା ରହିଛି। କାଳବୈଶାଖୀ ପବନ ପ୍ରଭାବରେ ପାର୍ଶ୍ୱରେ ଥିବା ଗଛର ଡାଳ ଭାଙ୍ଗି ବିଶ୍ରାମାଗାର ଉପରେ ପଡ଼ିଥିଲା। ପବନ ଓ ଆସନ୍ନ ବର୍ଷା ଯୋଗୁ କେହି ବିଶ୍ରାମାଗାର ଭିତରେ ନ ଥିଲେ। ଗ୍ରାମବାସୀ ଗଛକୁ କାଟି ହଟାଇଥିଲେ। କିନ୍ତୁ ବିଶ୍ରାମାଗାର ଭାଙ୍ଗି ନଇଁ ପଡ଼ିଥିବାରୁ ଏହା ତୁରନ୍ତ ମରାମତି କରି ବ୍ୟବହାର ଉପଯୋଗୀ କରିବା ନେଇ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ନାବାଳକଙ୍କ ଆତ୍ମହତ୍ୟା ଅଭିଯୋଗ

ନନ୍ଦପୁର,୨ା୫(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତ ଘାଗଡ଼ାପଣ୍ଡି ଗ୍ରାମର ବିଶୁ ସୀସାଙ୍କ ପୁଅ ଖଗେସ ସୀସା(୧୭) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ନନ୍ଦପୁର ସିଦ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ଥିଲେ। ଏତଲାନୁଯାୟୀ, ଖଗେସ ୯ ବର୍ଷର ଥିବା ବେଳେ ଅପ୍ରାକୃତିକ ଯୌନ ନିର୍ଯାତନାର ଶିକାର ହୋଇ ଗୁରୁତର ହୋଇଥିଲେ। ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ସେହିଦିନଠାରୁ ତାଙ୍କ ମାନସିକ ସ୍ଥିତି ଦୁର୍ବଳ ଥିଲେ। ସେ ଡିପ୍ରେଶନର ରହୁଥିଲେ। ଶୁକ୍ରବାର ଘରେ କେହି ନ ଥିବା ବେଳେ ଖଗେସ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୨/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସ୍‌ଆଇ ଗୁପ୍ତେଶ୍ୱର ଗୌଡ ତଦନ୍ତ କରୁଥିବା ସୂଚନା ମିଳିଛି। ଶନିବାର ପୂର୍ବାହ୍ନରେ ମୃତହେଦ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଶିଶୁ ବିଦ୍ୟାମନ୍ଦିରର ଶତପ୍ରତିଶତ ସଫଳତା

ସୁନାବେଡ଼ା/ସେମିଳିଗୁଡ଼ା, ୨ା୫ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ(ଏଚ୍‌ଏସ୍‌ସି) ଦଶମ ଶ୍ରେଣୀ ପରକ୍ଷାରେ କୋରାପୁଟ ଜିଲା ସେମିଳିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟର ପାସ ହାର ଶତପ୍ରତିଶତ ରହିଥିବା ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଚଳିତବର୍ଷ ମୋଟ ୫୪ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଶୁଭଶ୍ରୀ ଦାସ ଓ ଶୁଭଶ୍ରୀ ପ୍ରଧାନ ସର୍ବାଧିକ ୯୦ ପ୍ରତିଶତ ମାର୍କ ରଖି ଏ -୧ରେ ସ୍କୁଲ ଟପ୍ପର ହୋଇଥିବା ଜଣାପଡିଛି। ବିଦ୍ୟାଳୟର ଏ -୨ରେ ୨, ବି -୧ରେ ୯, ବି -୨ରେ ୧୩, ସିରେ ୧୭ ଓ ଡିରେ ୧୨ ଛାତ୍ରୀଛାତ୍ର ପାସ ହୋଇଛନ୍ତି।

# ଜଳ ସଂରକ୍ଷଣ, କୃଷିର ବିକାଶକୁ ପ୍ରାଥମିକତା

**ସୀମାନ୍ତ ଅଞ୍ଚଳରେ ଜିଲାପାଳଙ୍କ ବିକାଶମୂଳକ କାର୍ଯ୍ୟର ତଦାରଖ**

ସୁନାବେଡ଼ା/ସେମିଳିଗୁଡ଼ା,୨ା୫ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)


ଜିଲାପାଳ ମନୋଜ ସତ୍ୟବାନ ମହାଜନ ସହାୟତା ରାଶି ପ୍ରଦାନ କରୁଛନ୍ତି।

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସେମିଳିଗୁଡ଼ା ବ୍ଲକ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବ୍ଲକ ଅଧୀନ ଦୁଧାରୀ ପଞ୍ଚାୟତ ସହ ସୀମାନ୍ତ ଉପର କାଣ୍ଟି ପଞ୍ଚାୟତର ଏକାଧିକ ଗ୍ରାମରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ୨ ପଞ୍ଚାୟତର ବିଭିନ୍ନ ଅଞ୍ଚଳର ଭିତ୍ତିଭୂମି ଓ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିକାଶମୂଳକ ପ୍ରକଳ୍ପର ତାଲିକା ପ୍ରସ୍ତୁତ କରାଯାଇଛି। ବାରକୁଟୁନି, ପୁଟସିଲ ଓ ଦୁଧାରୀ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ପଦକ୍ଷେପ ନିଆଯାଉଛି। ଜଳ ସଂରକ୍ଷଣ, କୃଷିର ବିକାଶକୁ ପ୍ରାଥମିକତା ଦେଇ ବାରକୁଟୁନିରେ ଏକ ନୂତନ ଟାଙ୍କି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ବ୍ରିଟିଶ ଅମଳର ଟାଙ୍କିର ପୁନରୁଦ୍ଧାର ପାଇଁ ଯୋଜନା କରି ଡିପିଆର ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୁଟେଆମ୍ବୋରେ ଏକ ଚେକଡ୍ୟାମ, ବିଡିକାମୁଣ୍ଡି ଓ ହାଣ୍ଡିୱାରା ଅଞ୍ଚଳରେ ଚାଷ ଜମିକୁ ଜଳ ଯୋଗାଇବାକୁ ଫିଲ୍ଡ ଚ୍ୟାନେଲ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗମନାଗମନ ପାଇଁ ବାରକୁଟୁନିରୁ ହାଲାଡିବାଡା ଯାଏ ରାସ୍ତାର ଉନ୍ନତିକରଣ ପାଇଁ ପ୍ରସ୍ତାବ ଦେଇଛନ୍ତି। ପିଏମଜିଏସୱାଇ ରାସ୍ତାରୁ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଯାଏ ଏକ ସିସି ରାସ୍ତା ନିର୍ମାଣ କରାଯିବା ନିଷ୍ପତ୍ତି ନିଆଯାଇଛି। ଉପର କାଣ୍ଟିରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଭବନ ନିର୍ମାଣ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟନସ୍ଥଳ ପୁଟସିଲରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ଏକ ଚେଞ୍ଜିଂ ରୁମ ସହ ସ୍ନାନ ଘାଟ ନିର୍ମାଣ ହେବା ନେଇ ଆଲୋଚନା କରିଛନ୍ତି। ପର୍ଯ୍ୟଟନସ୍ଥଳ ତାଲାମାଲିରେ ଏକ ଆମେନିଟି ସେଣ୍ଟର ବା ସୁବିଧା କେନ୍ଦ୍ର ସ୍ଥାପନ କରିବା ନେଇ ଆଲୋଚନା କରିଥିଲେ। ଶିକ୍ଷାର ଉନ୍ନତି ପାଇଁ ଦୁଧାରୀ ହାଇସ୍କୁଲରେ ଅଧିକ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ଏଥିସହ ଏସଏଚଜି ମହିଳାମାନେ କୁକୁଡ଼ା, ଛେଳି ଚାଷ କରି ଲାଭବାନ ହୋଇପାରିବା ନେଇ ଆଲୋଚନା କରିଥିଲେ। ଉକ୍ତ ଅଞ୍ଚଳରେ କଫି, ସପୁରି ଓ ଗୋଲ ମରିଚ ଆଦି ଚାଷ ହୋଇପାରିବ ଦ୍ୱାରା ଏସ୍‌ଏଚ୍‌ଜି ମହିଳାମାନେ ଉପକୃତ ହୋଇପାରିବା ନେଇ ଉପଯୁକ୍ତ କ୍ଷେତ୍ର ଚିହ୍ନଟ କରି ତୁରନ୍ତ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ସେମିଳିଗୁଡ଼ା ବିଡିଓ ଯଶ୍ମିନ ପ୍ରଧାନ, ସହକାରି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୋଫାନ ନାୟକ, ଏଇ ରଶ୍ମିତା ରାଉତ, ବିଏସଏସଓ ଟି.ଶୁରଭି ପ୍ରମୁଖ ଉପସ୍ଥିତ ଥିଲେ।

# ଏଚ୍‌ଏସ୍‌ସି ପରୀକ୍ଷା: ରାଜ୍ୟରେ ୧୮ତମ ସ୍ଥାନରେ କୋରାପୁଟ ଜିଲା

କୋରାପୁଟ,୨ା୫(ଅମିତାଭ ବେହେରା)

**ପରୀକ୍ଷା ହାର ୯୬.୫୮ ପ୍ରତିଶତ**

ଏସ୍‌ଏଚସି ମାଟ୍ରିକ ପରୀକ୍ଷାରେ କୋରାପୁଟ ଜିଲାର ପରୀକ୍ଷା ଫଳ ୯୬. ୫୮ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ଘୋଷିତ ଫଳାଫଳ ଅନୁଯାୟୀ ୨୦୨୫ ଓ ୨୦୨୬ ବର୍ଷର ବାର୍ଷିକ ଏଚ୍‌ଏସ୍‌ସି ପରୀକ୍ଷା ଫଳ ତୁଳନାତ୍ମକ ରିପୋର୍ଟରେ ଜିଲାର ସମଗ୍ର ଶିକ୍ଷାମାନରେ ଉନ୍ନତି ପ୍ରକାଶ ପାଇଛି। ଚଳିତବର୍ଷ ୨୦୨୬ରେ ମୋଟ ପାସ ପ୍ରତିଶତ ୯୬.୫୮ ପ୍ରତିଶତ ରହିଛି। ଗତବର୍ଷର ୯୨.୮୩ ପ୍ରତିଶ୍ରତ ଥିଲା। ଏହା ୩.୭୫%କୁ ବୃଦ୍ଧି ପାଇଛି। ମୋଟ ୧୭,୩୯୮ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତବର୍ଷ ଏହି ସଂଖ୍ୟା ୧୪,୭୩୮ ଥିଲା। ପରୀକ୍ଷାରେ ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ପାଇ ୧୬,୦୬୧ରୁ ୧୮,୧୫୮କୁ ପହଞ୍ଚିଛି। ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୮୫ରୁ କମି ୧୪୪ ହୋଇଛି। ମେରିଟ ତାଲିକାରେ ସୁଧାର ଆସିଛି। ଏ୧ ଶ୍ରେଣୀରେ ୧୨ରୁ ୧୯, ଏ୨ରେ ୬୪ରୁ ୧୦୧, ବି୧ ରେ ୧୭୮ ରୁ ୩୮, ବି ୨ରେ ୭୫୧ ରୁ ୧୯୪୫ ଓ ସି ଶ୍ରେଣୀରେ ୨୯୩୭ରୁ ୪୪୧୧ ଛାତ୍ରୀଛାତ୍ର ବୃଦ୍ଧି ପାଇଛନ୍ତି। ଅସଫଳତା ସଂଖ୍ୟା ୧୧୩୬ରୁ କମି ୬୧୬ ହୋଇଥିବାରୁ ଜିଲା ପାଇଁ ସକାରାତ୍ମକ ସଙ୍କେତ। ମାଲପ୍ରାକ୍ଟିସ ମାମଲା ମଧ ୨ରୁ କମି ଶୂନ୍ୟ ହୋଇଛି। ରାଜ୍ୟ ସ୍ତରରେ ପାସ ପ୍ରତିଶତ ୯୫.୩୩ ରହିଛି, କୋରାପୁଟ ଏହାକୁ ଅତିକ୍ରମ କରିଛି। ଏଥିସହ ଜିଲାର ର୍ୟାଙ୍କିଂ ୩୦ତମରୁ ବୃଦ୍ଧି ପାଇ ୧୮ତମ ସ୍ଥାନକୁ ଉଠିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ପାଲିବାରେ ପୋଲିସ ଫାଣ୍ଡି ଖୋଲିବାକୁ ଚିଠି

ନନ୍ଦପୁର,୨ା୫(ତୁଷାର କାନ୍ତ ମହାନ୍ତି)

କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ଅନୁରୋଧ ପତ୍ର କ୍ରମାଙ୍କ ୯୩/୨୦୨୬/ଏମଏଲଏ/କେପିଟିର ବିଚାର କରି ରାଜ୍ୟ ଗୃହ ବିଭାଗ ଉପସଚିବ ତରୁଣ କୁମାର ପଣ୍ଡା ରାଜ୍ୟ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଉପସଚିବଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୭୪୬/ ଡି ଆଣ୍ଡ ଏ, ଭୁବନେଶ୍ୱର, ଏଚଓଏମଇ-ଡିଏଆଇ-ସିଆରଟିଏନ୨-୦୦୮/୨୦୨୬ ପ୍ରକାରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ଲମତାପୁଟ ବ୍ଲକର ୪ ପଞ୍ଚାୟତ ଓ କୋରାପୁଟ ବ୍ଲକର ୨ ପଞ୍ଚାୟତବାସୀଙ୍କ ଆଇନ ଶୃଙ୍ଖଳା ପରିସ୍ଥିତି ଶୃଙ୍ଖଳିତ କରିବା ଓ ପୋଲିସ ସହ ଲୋକଙ୍କୁ ନିକଟତର କରିବା ନେଇ ପାଲିବାରେ ଏକ ପୋଲିସ ଫାଣ୍ଡି ସ୍ଥାପନ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରୁଥିଲେ। ନନ୍ଦପୁର ଥାନାଠାରୁ ୧୦ କି.ମି. ଦୂରରେ ପାଲିବା ଗ୍ରାମ ରହିଛି। ପାଲିବା କେକେ ରେଳପଥର ପ୍ରମୁଖ ରେଳ ଷ୍ଟେଶନ। ଉକ୍ତ ସ୍ଥାନରେ ଏକ ଫାଣ୍ଡି ନିର୍ମାଣ ହେଲେ ୬ ପଞ୍ଚାୟତରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଅପରାଧ ନିୟନ୍ତ୍ରଣ ହେବ ବୋଲି ମତ ରହିଛି।


Government of Odisha
Home Department

No. 14746 /D&A, Bhubaneswar, dated 24.04.2026
HOME-DA1-CRTN2-0008-2026

From,
Shri Tarun Kumar Panda,
Deputy Secretary to Government

To,
The D.G. & I.G. of Police, Odisha,
Cuttack

Sub: Request for new Police Outpost at Paliba under Nandapur Police Station in Koraput district.

Sir,
Enclosing herewith copy of D.O. letter no. 93/2026/MLA/KPT dated 10-03-2026 from Shri Raghuram Machha, Hon'ble MLA, Koraput, on the subject cited above which is self-explanatory; I am directed to request you to kindly look into the matter at the earliest and take necessary steps as per procedure under intimation to this Department.

Yours faithfully,
Deputy Secretary to Government

Encl: As above

(By E-mail / Regd.Post)

Memo No. 14747 /D&A, dated 24.04.2026
Copy forwarded to Shri Raghuram Machha, Hon'ble MLA, Koraput, At Qtrs No D/S - 18/1 MLA Colony, Unit - IV, Near Ex-MLA/ MP Guest House Bhubaneswar, Odisha - 751001 (E-mail: office.raghurammachha@gmail.com) with reference to his D.O. letter No. 93/2026/MLA/KPT dated 10-03-2026 for kind information only.

Deputy Secretary to Government

# ରିଲ୍ସ ଶୁଟିଂ ବେଳେ କୋଲାବ ଜଳଭଣ୍ଡାରରେ ବୁଡ଼ି ଛାତ୍ର ମୃତ

କୋରାପୁଟ,୨ା୫(ଅମିତାଭ ବେହେରା)

କୋରାପୁଟ ଜିଲା କୋଲାବ ଜଳଭଣ୍ଡାରରେ ରିଲ୍ସ କରୁଥିବା ବେଳେ ପାଣିରେ ବୁଡ଼ି ଜଣେ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତକ ହେଲେ କୋରାପୁଟ କୋଲାବ ନଗରର ମଜେଶ ଖୋସଲା।

ସୂଚନାନୁଯାୟୀ, ମଜେଶ ସେମିଳିଗୁଡ଼ା କଲେଜରେ ଯୁକ୍ତ ୩ କମର୍ସରେ ପାଠ ପଢୁଥିଲେ। ୩ ଦିନ ହେବ କୋରାପୁଟ ବ୍ଲକ୍ ଚକର୍ଲିଗୁଡା ନିକଟ କୋଲାବ ଜଳଭଣ୍ଡାର ପାର୍ଶ୍ୱରେ କେତେଜଣ ସାଙ୍ଗଙ୍କ ସହ ଆଲବମ ରିଲ୍ସ ଶୁଟିଂ କରୁଥିଲେ। ଶୁକ୍ରବାର ଅପରାହ୍ନରେ ଶୁଟିଂ ସାରିବା ବେଳେ ବର୍ଷା ହୋଇଥିଲା। ଏହି ସମୟରେ କୋଲାବ ଜଳଭଣ୍ଡାରରେ ଶୌଚ ପାଇଁ ସେ ପାଣି ଭିତରକୁ ଯାଇ ଖସି ପଡ଼ିଥିଲେ। ତାଙ୍କ ସାଙ୍ଗମାନେ ଉଦ୍ଧାର କରିବାକୁ ଚେଷ୍ଟା କରି ୧୧୨କୁ ଯୋଗାଯୋଗ କରିଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଛାତ୍ରଙ୍କୁ ଉଦ୍ଧାର କରି କୋରାପୁଟ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଅଂଶୁମାନ କୋରାପୁଟ ଜିଲା ଟପ୍ପର

ଜୟପୁର, ୨ା୫(ପବନ ପାଣିଗ୍ରାହୀ)

ଚଳିତବର୍ଷ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ପରିଚାଳିତ ମ୍ୟାଟ୍ରିକ ପରୀକ୍ଷାରେ କୋରାପୁଟ ଜିଲା ଜୟପୁର ଶାରଦା ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଅଂଶୁମାନ ପ୍ରିୟଦର୍ଶୀ ମୋଟ ୫୭୧ ନମ୍ବର ରଖି କୋରାପୁଟ ଜିଲା ଟପ୍ପର ହୋଇଛନ୍ତି। ଛାତ୍ରୀ ଅନନ୍ୟା ପଟ୍ଟନାୟକ ୫୭୦ ନମ୍ବର ରଖି ଦ୍ୱିତୀୟ ହୋଇଛନ୍ତି। ଉଭୟ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ କହିଛନ୍ତି। ଅଂଶୁମାନଙ୍କ ବାପା ଡମ୍ବରୁଧର ଭୂମିଆ ଓ ମା ଝୁନୁ ଭୂମିଆ। ଅନନ୍ୟାଙ୍କ ବାପା ଶିବାଜୀ ପଟ୍ଟନାୟକ ଓ ମା ସବିତା ମହାନ୍ତି।

# ବୈପାରିଗୁଡ଼ାରେ ସନ୍ତୋଷଜନକ ମାଟ୍ରିକ୍ ଫଳାଫଳ

ବୈପାରିଗୁଡା,୨ା୫(କଳ୍ପତରୁ ମହାନ୍ତି)

ଏସ୍‌ଏଚ୍‌ସି ମାଟ୍ରିକ୍ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। କୋରାପୁଟ ଜିଲା ବୈପାରିଗୁଡ଼ା ସରକାରୀ ହାଇସ୍କୁଲର ମୋଟ ୧୫୪ ଛାତ୍ରୀଛାତ୍ର ପରୀକ୍ଷା ଦେଇ ସେମାନଙ୍କ ମଧ୍ୟରୁ ୧୪୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ବି-୧ରେ ଜଣେ, ବି-୨ରେ ୧୨, ସିରେ ୨୭, ଡି ରେ ୫୭ ଓ ଇ ଗ୍ରେଡ୍‌ରେ ୪୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କୋଲାର ପଞ୍ଚାୟତ ଟାଙ୍ଗିଣିଗୁଡା ସରକାରୀ ହାଇସ୍କୁଲରେ ମୋଟ ୧୨୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ବି-୧ରେ ୨,ବି-୨ରେ ୫, ସିରେ ୨୫,ଡିରେ ୬୬ ଓ ଇରେ ୨୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କେନ୍ଦୁଗୁଡା ପଞ୍ଚାୟତ ବ୍ରାହ୍ମଣଗୁଡା ସରକାରୀ ହାଇସ୍କୁଲରେ ମୋଟ ୭୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୋରାଗୁଡା ପଞ୍ଚାୟତ ଦଳପୁର ସରକାରୀ ହାଇସ୍କୁଲରେ ମୋଟ ୧୧୧ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଣ୍ଡାବାଡି ପଞ୍ଚାୟତ ଦଣ୍ଡାବାଡି ସରକାରୀ ହାଇସ୍କୁଲରେ ମୋଟ ୪୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବି-୧ ରେ ଜଣେ ,ସି-୫,ଡି -୧୬ ଓ ଇ-୧୬ରେ ରହିଛନ୍ତି। ବ୍ଲକ୍‌ର ପରୀକ୍ଷା ଫଳ ସନ୍ତୋଷ ଜନକ ରହିଛି। କିନ୍ତୁ ବ୍ଲକ୍‌ରେ ଏ-୧ ଓ ଏ-୨ରେ କୌଣସି ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ନ ଥିବା ଜଣାପଡ଼ିଛି। ବି-୧ ଓ ବି-୨ ଅତିନଗଣ୍ୟ ସଂଖ୍ୟକ ପିଲା ପାସ୍ ହୋଇଛନ୍ତି। ଅଧିକାଂଶ ପିଲା ଡି ଏବଂ ଇ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନେକ ପିଲାଙ୍କ ମାର୍କ କମ୍ ଯୋଗୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ସମ୍ଭାବନା ଥିବା ଜଣାପଡ଼ିଛି। ଅଧିକାଂଶ ହାଇସ୍କୁଲରେ ନିୟମିତ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ପାଠ ପଢା ଅବହେଳା ହେଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ସମୀର ଗରଡ଼ି କୁନ୍ଦୁରା ବ୍ଲକ୍ ଟପର

କୁନ୍ଦୁରା,୨ା୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଚଳିତ ମାଟ୍ରିକ ପରୀକ୍ଷାରେ ଦିଗାପୁର ଆବାସିକ ବିଦ୍ୟାଳୟ ଛାତ୍ର ସମୀର ଗରଡ଼ି ୪୮୫ ମାର୍କ ଓ ୮୦.୮୫ ପ୍ରତିଶତ ରଖି ବ୍ଲକରେ ପ୍ରଥମ ହୋଇଛନ୍ତି। ଦିଗାପୁର ପଞ୍ଚାୟତ ପ୍ରଧାନୀପୁଟ ଗ୍ରାମର ଗୁପ୍ତ ଗରଡ଼ି ଓ ନୟନା ଗରଡ଼ିଙ୍କ ପୁଅ ସମୀର। ବ୍ଲକ୍‌ର ବିଭିନ୍ନ ସେଣ୍ଟରରେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୨ରେ ୩, ବି-୧ରେ ୨୩, ବି-୨ରେ ୮୧, ସିରେ ୨୪୬, ଡିରେ ୪୨୨ ଓ ଇରେ ୪୩୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବ୍ଲକ ସ୍ତରରେ ୧୨୭୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୧୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ଶୁଭଲକ୍ଷ୍ମୀ ବେହେରା ଓ ସୁଶତୋରାଣୀ ଦଳେଇ ୮୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ସରୋଜ ପାଢ଼ୀ ଶୁଭେଚ୍ଛା ଜଣାଇଛନ୍ତି।



## ୨୧ ଉଚ୍ଚ ବିଦ୍ୟାଳୟର ୧୩୯୪ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ: ବ୍ଲକରେ ପ୍ରିୟଦର୍ଶନୀ ପ୍ରଥମ, ରାଜଲକ୍ଷ୍ମୀ ଦ୍ୱିତୀୟ

ନନ୍ଦପୁର,୨ା୫(ତୁଷାର କାନ୍ତ ମହାନ୍ତି)

ଦଶମ ବୋର୍ଡ ପରୀକ୍ଷାରେ କୋରାପୁଟ ଜିଲା ନନ୍ଦପୁର ବ୍ଲକର ୨୧ ଉଚ୍ଚ ବିଦ୍ୟାଳୟର ୧୩୯୪ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପାଡୁଆ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରିୟଦର୍ଶନୀ ଦାସ ୪୯୦ ଅଙ୍କ(ଏ-୨) ରଖି ବ୍ଲକର ଟପ୍ପର ହୋଇଛନ୍ତି। କୁଲାରସିଂ ବିଜୁ ପଟ୍ଟନାୟକ ଉଚ୍ଚ ବିଦ୍ୟାଳୟ


ପ୍ରିୟଦର୍ଶନୀ ଦାସ


ରାଜଲକ୍ଷ୍ମୀ ପରିଡ଼ା

ଛାତ୍ରୀ ରାଜଲକ୍ଷ୍ମୀ ପରିଡ଼ା ୪୮୦ ଅଙ୍କ(ଏ-୨) ରଖି ଦ୍ୱିତୀୟ ହୋଇଥିବା ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ସୂଚନା ଦେଇଛନ୍ତି। ବ୍ଲକର ମୋଟ ୧୪୨୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୧୩୯୪ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। ୩୦ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି। ଶିକ୍ଷାଧିକାରୀ ପଟ୍ଟନାୟକ ଓ ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟ କାମନା କରିଛନ୍ତି।

## ତହସିଲ ପ୍ରଶାସନର ଜବରଦଖଲ ଜମି ଉଚ୍ଛେଦ

ପଟ୍ଟାଙ୍ଗି,୨ା୫(ଶରତ କୁମାର ଧଳ)

ଓଏସ୍‌ଆରଟିସି ବିଭାଗର ଦୀର୍ଘ ବର୍ଷ ହେବ ଜବରଦଖଲ କରିଥିବା ଜମିକୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଛେଦ କରାଯାଇଛି। ବିଭାଗର ଜମିକୁ ଜବରଦଖଲ କରିଥିବା ଲୋକଙ୍କ ଚିନ୍ତା ବଢ଼ିଛି। ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ତଥା ତହସିଲ କାର୍ଯ୍ୟାଳୟ ତଥା ପଟ୍ଟାଙ୍ଗି ମୌଜାର ପ୍ଲଟ ନଂ ୫୩୮ ଏବଂ ଖାତା ନଂ ୨୨୩/୨ରେ ରାଜ୍ୟ ପରିବହନ ବିଭାଗର ଥିବା ୪୭ ଡିସିମିଲ ଜମିକୁ କେତେଜଣ ଲୋକ ଅକ୍ତିଆର କରି ରଖିଥିଲେ। ଉକ୍ତ ଜମିରେ ପଟ୍ଟାଙ୍ଗି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ୧୬ ଷ୍ଟଲ ନିର୍ମାଣ କରି ବିଭିନ୍ନ ବ୍ୟବସାୟୀଙ୍କୁ ଭଡ଼ା ସୂତ୍ରରେ ଦେଇଥିଲେ। ଏହାକୁ ନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଜମି ଖାଲି କରିବାକୁ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମପଚୁପ କରି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେତେଜଣ ଜବରଦଖଲକାରୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଷ୍ଟେ କରି ଦିନ ଗଡାଇ ଚାଲିଥିଲେ। ବର୍ତ୍ତମାନ ଷ୍ଟେ ଅବଧି ସରିବା ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜବରଦଖଲକାରୀଙ୍କୁ ବ୍ୟକ୍ତିଗତ ଭାବେ ନୋଟିସ କରି ଜମି ଛାଡିବାକୁ କୁହାଯାଇଥିଲା। ଏହା ସତ୍ତ୍ୱେ ଜବରଦଖଲକାରୀ ଜମି ଛାଡ଼ି ନ ଥିଲେ। ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ପରିବହନ ବିଭାଗ,ଜିଲା ଅଧିକାରୀଙ୍କ ଉପସ୍ଥିତରେ ସମସ୍ତ ଷ୍ଟଲ ଓ ଘର ଭଙ୍ଗାଯାଇଛି। ଜବରଦଖଲକାରୀଙ୍କ ପାଇଁ ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବାରେ ବିଳମ୍ବ ହୋଇ ଚାଲିଥିଲା। ଏହି ସମୟରେ ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ରାଜସ୍ୱ ନିରୀକ୍ଷକ ତ୍ରିନାଥ ଶିଶା, ଜିଲା ରାଜ୍ୟ ପରିବହନ ବିଭାଗ ଅଧିକାରୀ ଆରୁଷୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୨ା୫(ଅମିତାଭ ବେହେରା)

ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଓ କୋରାପୁଟସ୍ଥିତ ପ୍ରଗତି ମିଳିତ ଉଦ୍ୟମରେ ଟିଏସପି ପରିଯୋଜନା ଅନ୍ତର୍ଗତ କୋରାପୁଟ ଜଲାର ଡାକରା ଗ୍ରାମରେ ଏକ କୃଷକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ସ୍ଥାୟୀ ମୃତ୍ତିକା, ସ୍ୱାସ୍ଥ୍ୟ ଓ କୃଷି ଉତ୍ପାଦକତା ବୃଦ୍ଧି ବିଷୟରେ ଡ. ଓମ ପ୍ରକାଶ ଭର୍ମା, ଡ.ରବୀନ୍ଦ୍ର କୁମାର ପଣ୍ଡା, ଡ. ଆମୋଦ କୁମାର ଠାକୁର, ଡ. ରାନୁରାଣୀ ସେଠୀ ଓ ଡ. ଶିଳଭଦ୍ର ମହାନ୍ତି ଉପସ୍ଥିତ ଥିଲେ। ପ୍ରଗତି ସମ୍ପାଦକ ପ୍ରଭାକର ଅଧିକାରୀ ଓ ନିର୍ବାହକ ସାମୁଏଲ ମାଝୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୋଟ ୧୨୫ ଅନୁସୂଚିତ ଜନଜାତୀୟ କୃଷକଙ୍କୁ ଜୈବିକ ଖତ 'ମୋ ଖତ' ଓ ଧନିଚା ବିହନ ବିତରଣ କରାଯାଇଥିଲା।

# ପରୁଆମାଳି ଗୁମ୍ଫାରେ ଚନ୍ଦନଯାତ୍ରା

ନନ୍ଦପୁର,୨ା୫(ତୁଷାର କାନ୍ତ ମହାନ୍ତି)



କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧୀନ କସନ୍ଦି ଓ ଖେମୁଣ୍ଡୁଗୁଡା ପଞ୍ଚାୟତ ମଧ୍ୟରେ ଥିବା ପରୁଆମାଳି ପାହାଡ଼ ଓ ଗୁମ୍ଫାରେ ଚନ୍ଦନଯାତ୍ରା ଶୁକ୍ରବାର ପାଳନ କରାଯାଇଛି। ଏଥିରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା।

ପାହାଡ଼ ଓ ଗୁମ୍ଫାର ରକ୍ଷଣାବେକ୍ଷଣ କସନ୍ଦି ପଞ୍ଚାୟତର ଡାରେଙ୍ଗବା ଗ୍ରାମବାସୀ କରନ୍ତି। ପୂଜାବିଧି ଖେମୁଣ୍ଡୁଗୁଡା ପଞ୍ଚାୟତ ସଦର ମହକୁମାରେ ବସବାସ କରୁଥିବା ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ଭଗବାନ ଖେମୁଣ୍ଡୁଙ୍କ ପରିବାର ଲୋକେ କରନ୍ତି। ଗୁମ୍ଫାର ବାହାର ତଥା ପ୍ରବେଶ ପଥ ଛୋଟ କିନ୍ତୁ ଭିତର ଭାଗ ତିନିଥାକିଆ ପାହାଡ଼ର ଛାତ ସଦୃଶ୍ୟ ରହିଛି। ଗୁମ୍ଫାର ମଧ୍ୟଭାଗରେ ଆଲୋକ ପ୍ରବେଶ ପାଇଁ ପାହାଡ଼ର ଉପର ଭାଗରେ ଏକ ବିରାଟ ଗର୍ତ୍ତ ରହିଛି। ଏକ କାଳୀନ ୪/୫ ହଜାର ଲୋକଙ୍କୁ ଧାରଣ କରି ପାରିବା ଭଳି ଗୁମ୍ଫାର ଆକାର। ଯାତ୍ରାରେ ନନ୍ଦପୁର, ସେମିଳିଗୁଡା, ପଟ୍ଟାଙ୍ଗି ବ୍ଲକ ଓ ଆନ୍ଧ୍ର ପ୍ରଦେଶ ଅଞ୍ଚଳରୁ ଲୋକେ ଦେବାଦେବୀଙ୍କ ଦର୍ଶନ କରିଥିଲେ। ଲୋକେ ବିଭିନ୍ନ ମାନସିକ କରି ପୂଜାର୍ଚ୍ଚନା କରିଥିଲେ। ମାନସିକଧାରୀଙ୍କ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ଥିବା ପୂଜକ ନରେନ୍ଦ୍ର ଖେମୁଣ୍ଡୁ ଓ ବୃଦ୍ଧା ସୁମିତ୍ରା ଖେମୁଣ୍ଡୁ କହିଛନ୍ତି। ରାତିରେ ପାହାଡ଼ ତଳଦେଶ ଡ଼ାରେଙ୍ଗବା ଗ୍ରାମରେ ଆଦିବାସୀ ନାଚ ଗୀତର ଆୟୋଜିତ ହୋଇଥିଲା। ପାହାଡ଼ ଶୀର୍ଷରେ ଗୁମ୍ଫା ଥିବାରୁ ଏହା ନିକଟକୁ ଯାତାୟାତ ପାଇଁ ରାସ୍ତା ଅଦ୍ୟାବଧି ନିର୍ମାଣ ହୋଇନାହିଁ। ଲୋକଙ୍କୁ ପ୍ରାୟ ୭ଶହ ମିଟର ଉଚ୍ଚକୁ ବିପଦସଙ୍କୁଳ ଅବସ୍ଥାରେ ପାହାଡ ଚଢ଼ିବାକୁ ପଡୁଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାହାଡ ସେମିଳିଗୁଡା ବନାଞ୍ଚଳ ତଥା ନନ୍ଦପୁର ବନପାଳ ଅଧୀନ ଆରଏଫ ଅଞ୍ଚଳରେ ଥିବାରୁ ବ୍ଲକ କିମ୍ବା ପଞ୍ଚାୟତ ପ୍ରଶାସନ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିପାରୁନାହାଁନ୍ତି। ଜିଲା ପ୍ରଶାସନ, ଜିଲା ପର୍ଯ୍ୟଟନ ବିଭାଗ ଓ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଗୁମ୍ଫା ପରିସର ବିକାଶ କରିବାକୁ ଦାବି ହୋଇଛି।

# ଦାବିପୂରଣ ନ ହେଲେ ବିଧାନସଭା ଆଗରେ ଆନ୍ଦୋଳନ ଚେତାବନୀ

**ଓୟୁଜେ କୋରାପୁଟ ଜିଲା ସାମ୍ବାଦିକ ସଂଘର ବିକ୍ଷୋଭ**

କୋରାପୁଟ,୨ା୫(ଅମିତାଭ ବେହେରା)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସାମ୍ବାଦିକ ସଂଘର ସଦସ୍ୟମାନେ ପ୍ରତିବାଦ କରୁଛନ୍ତି।

କୋରାପୁଟ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଶନିବାର ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ପ୍ରେସ୍ କ୍ଲବ୍‌ଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ରାଜ୍ୟ ଓୟୁଜେ ଆହ୍ୱାନ କ୍ରମେ କୋରାପୁଟ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଶଶଧର ରାଉତଙ୍କ ନେତୃତ୍ୱରେ ଶ୍ରମିକ ଦିବସକୁ ପ୍ରତିବାଦ ଦିବସ ଭାବେ ଶୁକ୍ରବାର ପାଳନ କରାଯାଇଛି। ରାଜ୍ୟ ସରକାର ଖବରଦାତାଙ୍କ ପେନ୍‌ସନ ଏକ୍ରିଡେଶନ ଓ ପ୍ରୋଟେକ୍‌ଶନ ଆଦି ୩ ପ୍ରମୁଖ ମୌଳିକ ଦାବିକୁ ଏଯାଏ ପୂରଣ କରିନାହାଁନ୍ତି। ଦେଶର ବିଭିନ୍ନ ରାଜ୍ୟରେ ଖବରଦାତାଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଉଛି। ଓଡ଼ିଶାରେ ଏଯାଏ ଏହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଓୟୁଜେର ଡାକରାରେ ଅନୁବନ୍ଧିତ ସମସ୍ତ ଜିଲା ପ୍ରତିବାଦ ଦିବସ ପାଳନ କରିଛନ୍ତି। ରାଜ୍ୟ ସରକାର ଖବରଦାତାଙ୍କ ନ୍ୟାର୍ଯ୍ୟ ଦାବିକୁ ଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ବିଧାନସଭା ସମ୍ମୁଖରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସମସ୍ତ ଖବରଦାତା କଳାବ୍ୟାଜ ପରିଧାନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବି ପତ୍ର ଅତିରିକ୍ତ ଜିଲାପାଳ ନରେଶ ଚନ୍ଦ୍ର ଶବରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ସଂଘର ବରିଷ୍ଠ ସଦସ୍ୟ ଭବାନୀ ଶଙ୍କର ମିଶ୍ର, ଦିଲିପ କୁମାର ମହାନ୍ତି, ତୁଷାର କାନ୍ତ ମହାନ୍ତି, ଜଗତ ଜୀବନ କଞ୍ଚିମ, ସମ୍ପାଦକ ରଞ୍ଜନ କୁମାର ଦାସ, ଅମିତାଭ ବେହେରାଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ଖବରଦାତା ଉପସ୍ଥିତ ଥିଲେ।

